# NATIONAL NEWS BULLETIN (ODIA)

**14 November - 2024**

**Morning Bulletin : 7.15 a.m.**

**********************************

## ମୁଖ୍ୟ ସମ୍ବାଦ

- ଦେଶର କୋଚିଂ ପ୍ରତିଷ୍ଠାନ ଗୁଡ଼ିକ ପାଇଁ ମାର୍ଗଦର୍ଶିକା ଜାରି କଲା କେନ୍ଦ୍ରୀୟ ଉପଭୋକ୍ତା ସୁରକ୍ଷା ପ୍ରାଧିକରଣ ।
- ଜନଜାତୀୟ ଗୌରବ ଦିବସ ସମାରୋହରେ ଯୋଗଦେବାଲାଗି ଆସନ୍ତାକାଲି ବିହାର ଗସ୍ତ କରିବେ ପ୍ରଧାନମନ୍ତ୍ରୀ ।
- ମଧୁମେହ ରୋଗ ସମ୍ପର୍କରେ ସଚେତନତା ସୃଷ୍ଟି ଲାଗି ଆଜି ପାଳିତ ହେଉଛି ବିଶ୍ୱ ମଧୁମେହ ଦିବସ ।
- ଶ୍ରୀଲଙ୍କାରେ ଆଜି ୨୨୫ଟି ସଂସଦୀୟ ଆସନ ପାଇଁ ହେଉଛି ମତଦାନ ।

ଏବଂ

- ତୃତୀୟ ଟି-୨୦ ଆନ୍ତର୍ଜାତିକ କ୍ରିକେଟ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକାକୁ ୧୧ରନ୍‌ରେ ପରାସ୍ତ କଲା ଭାରତ ।

# କୋଚିଂ ଇନ୍ଷ୍ଟିଚ୍ୟୁଟ୍ ଗାଇଡ୍‌ଲାଇନ୍

କେନ୍ଦ୍ରୀୟ ଉପଭୋକ୍ତା ସୁରକ୍ଷା ପ୍ରାଧିକରଣ ସମସ୍ତ କୋଚିଂ ପ୍ରତିଷ୍ଠାନ ପାଇଁ ମାର୍ଗଦର୍ଶିକା ଜାରି କରିଛି । ମାର୍ଗଦର୍ଶିକା ଅନୁଯାୟୀ ସମସ୍ତ କୋଚିଂ ପ୍ରତିଷ୍ଠାନ ସେଠାରେ ପଢୁଥିବା ଛାତ୍ରଛାତ୍ରୀ ଏବଂ ପାଠ୍ୟକ୍ରମ ବିଷୟରେ ଆବଶ୍ୟକ ସୂଚନା ପ୍ରଦାନ କରିବା ବାଧ୍ୟତାମୂଳକ କରାଯାଇଛି । ଅଭିଭାବକ ଏବଂ ଛାତ୍ରଛାତ୍ରୀମାନଙ୍କୁ ଭୁଲ୍ ତଥ୍ୟ ଯେଭଳି ନଦିଆଯିବ ସେ ନେଇ ଏହି ବ୍ୟବସ୍ଥା କରାଯାଇଛି । ଉପଭୋକ୍ତା ବ୍ୟାପାର ସଚିବ ନିଧି ଖରେ ନୂଆଦିଲ୍ଲୀରେ ବିଭିନ୍ନ କୋଚିଂ ଅନୁଷ୍ଠାନ ଦ୍ୱାରା ଦିଆଯାଉଥିବା ବିଭ୍ରାନ୍ତିକର ବିଜ୍ଞାପନ ବିରୋଧରେ ଏହି ମାର୍ଗଦର୍ଶିକା ଜାରି କରିଛନ୍ତି ।

ମାର୍ଗଦର୍ଶିକା ଅନୁଯାୟୀ କୋଚିଂ ପ୍ରତିଷ୍ଠାନ ଗୁଡ଼ିକ ବିନା ଅନୁମତିରେ କୌଣସି ଛାତ୍ରଛାତ୍ରୀଙ୍କ ଫଟୋ କିମ୍ବା ଅନ୍ୟ ତଥ୍ୟ ପ୍ରକାଶ କରିପାରିବେ ନାହିଁ । ଏହାବ୍ୟତୀତ ପ୍ରତିଷ୍ଠାନ ଗୁଡ଼ିକ କେଉଁ ସେବା ଏବଂ ସୁବିଧା ଯୋଗାଇ ଦେଉଛନ୍ତି ସେ ସମ୍ପର୍କିତ ତଥ୍ୟ ପ୍ରକାଶ କରିବାକୁ ବାଧ୍ୟତାମୂଳକ କରାଯାଇଛି । ଅନ୍ୟପକ୍ଷରେ ବିଭ୍ରାନ୍ତିକର ବିଜ୍ଞାପନ, ଗ୍ୟାରେଣ୍ଟି ଏବଂ ଅସତ୍ୟ ତଥ୍ୟ ପ୍ରଦାନ ନକରିବାକୁ ଚେତାବନୀ ଦିଆଯାଇଛି ।

ସୂଚନାଯୋଗ୍ୟ କେନ୍ଦ୍ରୀୟ ଉପଭୋକ୍ତା ସୁରକ୍ଷା ପ୍ରାଧିକରଣ ବିଭ୍ରାନ୍ତିକର ବିଜ୍ଞାପନ ନେଇ ବିଭିନ୍ନ କୋଚିଂ ପ୍ରତିଷ୍ଠାନ ଠାରୁ ୫୬ଲକ୍ଷରୁ ଅଧିକ ଟଙ୍କା ଜୋରିମାନା ଆଦାୟ କରିଛି ।

# ପିଏମ୍-ଜନଜାତୀୟ ଗୌରବ ଦିବସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ବିହାରର ଜାମୁଇ ଗସ୍ତ କରିବେ । ସେଠାରେ ଆୟୋଜିତ ହେବାକୁ ଥିବା ଜନଜାତୀୟ ଗୌରବ ଦିବସ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଯୋଗଦେବେ । ଏହି ସମାରୋହ ସହ ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ଆରମ୍ଭ ହେବ । ଏହି ଅବସରରେ ପ୍ରଧାନମନ୍ତ୍ରୀ ଭଗବାନ ବିର୍ସା ମୁଣ୍ଡାଙ୍କ ସମ୍ମାନରେ ଏକ ସ୍ମାରକ ମୁଦ୍ରା ଏବଂ ଡାକଟିକଟ ଉନ୍ମୋଚନ କରିବେ । ଶ୍ରୀ ମୋଦୀ ଆଦିବାସୀ ସଂପ୍ରଦାୟଙ୍କ ବିକାଶ ତଥା ଦୂରଦୂରାନ୍ତ ଅଞ୍ଚଳରେ ଭିତ୍ତିଭୂମି ନିର୍ମାଣ ନିମନ୍ତେ ୬ହଜାର ୬୪୦ କୋଟିରୁ ଅଧିକ ଟଙ୍କାର ଅନେକଗୁଡ଼ିଏ ପ୍ରକଳ୍ପର ଉଦ୍‌ଘାଟନ ଏବଂ ଶିଳାନ୍ୟାସ କରିବାର କାର୍ଯ୍ୟକ୍ରମ ରହିଛି ।

# ପିଏମ୍-ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୧୬ ତାରିଖରୁ ୨୧ ତାରିଖ ପର୍ଯ୍ୟନ୍ତ ନାଇଜେରିଆ, ବ୍ରାଜିଲ୍ ଓ ଗୁଆନା ଗସ୍ତ କରିବେ । ନାଇଜେରିଆ ରାଷ୍ଟ୍ରପତି ବୋଲା ଅହମ୍ମଦ ଟିନୁବୁଙ୍କ ଆମନ୍ତ୍ରଣ କ୍ରମେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଆସନ୍ତା ୧୬ ଓ ୧୭ ତାରିଖ ଦୁଇ ଦିନ ସେଠାକୁ ଗସ୍ତ କରିବେ । ଏହି ଗସ୍ତ ଅବସରରେ ଶ୍ରୀ ମୋଦୀ ଦୁଇ ଦେଶ ମଧ୍ୟରେ ରଣନୈତିକ ଭାଗିଦାରୀର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିବା ସହିତ ଦ୍ୱିପକ୍ଷିୟ ସମ୍ପର୍କକୁ ଅଧିକ ସଶକ୍ତ କରିବା ଲାଗି ଶ୍ରୀ ଟିନୁବୁଙ୍କ ସହିତ ଆଲୋଚନା

କରିବେ । ୨୦୦୭ ମସିହାରୁ ଭାରତ-ନାଇଜେରିଆ ମଧ୍ୟରେ ଅର୍ଥନୀତି, ଶକ୍ତି ଏବଂ ପ୍ରତିରକ୍ଷା ସହଯୋଗ କ୍ଷେତ୍ରରେ ରଣନୈତିକ ଭାଗିଦାରୀ କାର୍ଯ୍ୟକାରୀ ହୋଇଆସୁଛି ।

ଗସ୍ତର ଦ୍ୱିତୀୟ ପର୍ଯ୍ୟାୟରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଆସନ୍ତା ୧୮ ଓ ୧୯ ତାରିଖ ବ୍ରାଜିଲ୍ ଗସ୍ତ କରିବେ । ବ୍ରାଜିଲ୍ ରାଷ୍ଟ୍ରପତି ଲୁଇସ୍ ଇନାସିଓ ଲୁଲା ଡା ସିଲଭାଙ୍କ ଦ୍ୱାରା ରିଓ-ଡି-ଜାନିରୋ ଠାରେ ଆୟୋଜିତ ହେବାକୁ ଥିବା ଜି-୨୦ ଶିଖର ସମ୍ମିଳନୀରେ ଶ୍ରୀ ମୋଦୀ ଅଂଶଗ୍ରହଣ କରିବେ । ଏହି ସମ୍ମିଳନୀରେ ଜି-୨୦ ନୂଆଦିଲ୍ଲୀ ନେତୃତ୍ୱ ଘୋଷଣାନାମାର ନିଷ୍କତ୍ତିର କାର୍ଯ୍ୟକାରିତା ଏବଂ ବିଭିନ୍ନ ବୈଶ୍ୱିକ ତଥା ଆଞ୍ଚଳିକ ପ୍ରସଙ୍ଗ ଉପରେ ପ୍ରଧାନମନ୍ତ୍ରୀ ଭାରତର ମତାମତ ରଖିବେ । ଏହାଛଡ଼ା ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଜି-୨୦ ସଦସ୍ୟ ରାଷ୍ଟ୍ର ଗୁଡ଼ିକର ନେତୃବୃନ୍ଦଙ୍କ ସହିତ ମଧ୍ୟ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି ।

ଏହି ତ୍ରିଦେଶୀୟ ଗସ୍ତର ଅନ୍ତିମ ପର୍ଯ୍ୟାୟରେ ପ୍ରଧାନମନ୍ତ୍ରୀ ଆସନ୍ତା ୧୯ ରୁ ୨୧ ତାରିଖ ପର୍ଯ୍ୟନ୍ତ ଗୁଆନା ଗସ୍ତ କରିବେ । ୧୯୬୮ ମସିହା ପରେ ଗୁଆନା ଗସ୍ତ କରିବାରେ ଶ୍ରୀ ମୋଦୀ ହେଉଛନ୍ତି ପ୍ରଥମ ଭାରତୀୟ ପ୍ରଧାନମନ୍ତ୍ରୀ । ଗତବର୍ଷ ସପ୍ତଦଶ ପ୍ରବାସୀ ଭାରତୀୟ ଦିବସ ଅବସରରେ ଇନ୍ଦୋର ଠାରେ ଆୟୋଜିତ ଜାତୀୟ ସ୍ତରୀୟ ସମାରୋହରେ ଗୁଆନା

ରାଷ୍ଟ୍ରପତି ମହମ୍ମଦ ଇର୍ଫାନ୍ ଅଲି ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ । ଏହି ସମାରୋହରେ ତାଙ୍କୁ ପ୍ରବାସୀ ଭାରତୀୟ ସମ୍ମାନରେ ସମ୍ମାନିତ କରାଯାଇଥିଲା । ପ୍ରଧାନମନ୍ତ୍ରୀଙ୍କ ଗୁଆନା ଗସ୍ତ ଅବସରରେ ସେ ରାଷ୍ଟ୍ରପତି ଶ୍ରୀ ଅଲିଙ୍କ ସମେତ ସେଠାକାର ବରିଷ୍ଠ ନେତୃବୃନ୍ଦଙ୍କ ସହିତ ସାକ୍ଷାତ ଆଲୋଚନା କରିବେ । ସେହିଭଳି ଶ୍ରୀ ମୋଦୀ ଗୁଆନା ସଂସଦ ଭବନରେ ସାଂସଦମାନଙ୍କୁ ସମ୍ବୋଧିତ କରିବାର କାର୍ଯ୍ୟସୂଚୀ ରହିଛି । ଗୁଆନାର ଜର୍ଜଟାଉନ୍ ଠାରେ ଦ୍ୱିତୀୟ କ୍ୟାରିକମ୍-ଭାରତ ସମ୍ମିଳନୀରେ ଶ୍ରୀ ମୋଦୀ ଯୋଗଦେବା ସହିତ ସଦସ୍ୟ ରାଷ୍ଟ୍ର ଗୁଡ଼ିକ ସହିତ ଭାରତର ବହୁ ଦିନର ବନ୍ଧୁତ୍ୱକୁ ସଶକ୍ତ କରିବା ଦିଗରେ ଆଲୋଚନା କରିବେ ବୋଲି ଜଣାପଡ଼ିଛି ।

## ୱାର୍ଲ୍ଡ ଡାଇବେଟିସ ଡେ

ମଧୁମେହ ରୋଗର ନିରାକରଣ, ଚିହ୍ନଟ ଏବଂ ଚିକିତ୍ସା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଆଜି ପାଳିତ ହେଉଛି ବିଶ୍ୱ ମଧୁମେହ ଦିବସ । ଚଳିତବର୍ଷର ବିଷୟବସ୍ତୁ ରହିଛି 'ପ୍ରତିବନ୍ଧକ ହଟାଇବା ଏବଂ ଦୂରତା କମ୍ କରିବା' । ମଧୁମେହ ରୋଗ ଚିକିତ୍ସା କ୍ଷେତ୍ରରେ ଥିବା ପ୍ରତିବନ୍ଧକକୁ ଦୂର କରି ଏଥିରେ ପୀଡିତା ପ୍ରତ୍ୟେକ ବ୍ୟକ୍ତିଙ୍କୁ ଉଚ୍ଚ ଗୁଣବତ୍ତା ସମ୍ପନ୍ନ ଚିକିତ୍ସା ସୁବିଧା ଯୋଗାଇଦେବା ଉପରେ ଆଜିର ଦିନରେ ଗୁରୁତ୍ୱାରୋପ କରାଯାଉଛି । ସରକାର, ସ୍ୱାସ୍ଥ୍ୟ ସଂଗଠନ ଏବଂ ଏଥିସହ ଜଡିତ ବିଭିନ୍ନ ସମୁଦାୟ ମଧ୍ୟରେ ସହଯୋଗ ଉପରେ

ଗୁରୁତ୍ୱପ୍ରଦାନ କରାଯାଉଛି । ମଧୁମେହ ରୋଗରେ ପୀଡିତ ଲୋକଙ୍କୁ ନିରନ୍ତର ସମର୍ଥନ ପ୍ରଦାନ କରିବା ପାଇଁ ପଦକ୍ଷେପ ନେବା ଉପରେ ଗୁରୁତ୍ୱ ପ୍ରଦାନ କରିବା ବର୍ତ୍ତମାନ ଆବଶ୍ୟକତା । ଏହି ରୋଗରେ ଆବଶ୍ୟକ ପରିମାଣର ଇନ୍‌ସୁଲିନ ସୃଷ୍ଟି ହୋଇନଥାଏ । ଭାରତୀୟ ଚିକିତ୍ସା ଅନୁସନ୍ଧାନ ପରିଷଦର ତଥ୍ୟ ଅନୁଯାୟୀ ଭାରତରେ ୨୦୨୩ ସୁଦ୍ଧା ୧୦ କୋଟିରୁ ଅଧିକ ଲୋକ ମଧୁମେହରେ ଆକ୍ରାନ୍ତ ହୋଇଛନ୍ତି ।

## ଜୟଶଙ୍କର ଫିଲିପାଇନ୍ସ

ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍ ଜୟଶଙ୍କର କହିଛନ୍ତି ଭାରତ ଏବଂ ଫିଲିପାଇନ୍ସ ମଧ୍ୟରେ ଗଣତାନ୍ତ୍ରିକ ମୂଲ୍ୟବୋଧ ଏବଂ ଆର୍ଥିକ ସମାନତା ରହିଛି । ଭାରତ-ଫିଲିପାଇନ୍ସ ରାଜନୈତିକ ସମ୍ବନ୍ଧକୁ ୭୫ବର୍ଷ ପୂରଣ ଅବସରରେ ଗତକାଲି ନୂଆଦିଲ୍ଲୀରେ ଏକ କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ଡକ୍ଟର ଜୟଶଙ୍କର କହିଛନ୍ତି ଉଭୟ ଦେଶ ଆନ୍ତର୍ଜାତିକ ଆଇନ୍, ମାନଦଣ୍ଡ ଏବଂ ନିୟମ ପାଳନ କରିବା ଲାଗି ପ୍ରତିଶ୍ରୁତିବଦ୍ଧ । ସେ କହିଛନ୍ତି ଗତ କିଛିବର୍ଷ ମଧ୍ୟରେ ଉଭୟ ଦେଶ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ଭାଗିଦାରିତା ବୃଦ୍ଧି ପାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଫିଲିପାଇନ୍ସ ରାଷ୍ଟ୍ରପତି ଫର୍ଡିନାଣ୍ଡ ମାର୍କୋସ୍‌ଙ୍କ ପ୍ରଚେଷ୍ଟା ଯୋଗୁଁ ଉଭୟ ଦେଶ ମଧ୍ୟରେ ପାରସ୍ପରିକ ସମ୍ପର୍କ ଦୃଢ଼ ହୋଇଥିବା ସେ କହିଛନ୍ତି । ଏହି ଅବସରରେ ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍ ଜୟଶଙ୍କର ଏକ ସ୍ୱତନ୍ତ୍ର ଲୋଗୋ ଉନ୍ମୋଚନ କରିଛନ୍ତି ।

ଏଥିରେ ଉଭୟ ଦେଶ ମଧ୍ୟରେ ଥିବା ୭୫ ବର୍ଷର କୂଟନୈତିକ ସମ୍ପର୍କକୁ ଦର୍ଶାଯାଇଛି ।

## ଆଇଆଇଟିଏଫ୍

୪୩ତମ ଭାରତ ଆନ୍ତର୍ଜାତୀୟ ବ୍ୟାପାର ମେଳା ଆଜିଠାରୁ ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ ଆରମ୍ଭ ହେବ । ଚଳିତବର୍ଷ ଏହି ମେଳାର ବାର୍ତ୍ତା ରହିଛି ୨୦୪୭ରେ ବିକଶିତ ଭାରତ । ଏହି ମେଳାରେ ସ୍ୱତନ୍ତ୍ରଭାବେ ଝାଡ଼ଖଣ୍ଡ ଉପରେ ଧ୍ୟାନ କେନ୍ଦ୍ରିତ କରାଯାଇଥିବାବେଳେ ବିହାର ଏବଂ ଉତ୍ତରପ୍ରଦେଶ ସହଯୋଗୀ ରାଜ୍ୟ ଭାବେ ଭାଗ ନେଉଛନ୍ତି ।

ସୂଚନା ଅନୁଯାୟୀ ଚଳିତବର୍ଷ ମେଳାରେ ଚୀନ୍, ଇଜିପ୍ଟ, ଇରାନ, ଦକ୍ଷିଣକୋରିଆ, ଥାଇଲାଣ୍ଡ, ତୁର୍କୀ ଏବଂ ୟୁନାଇଟେଡ୍ ଆରବ ଏମିରେଟ୍ସ ଭାଗ ନେଉଛନ୍ତି । ମେଳାର ପ୍ରଥମ ୫ ଦିନ ନଭେମ୍ବର ୧୮ ତାରିଖ ପର୍ଯ୍ୟନ୍ତ ବ୍ୟବସାୟ ବାଣିଜ୍ୟ ପାଇଁ ଖୋଲାଯିବ । ଏହାପରେ ନଭେମ୍ବର ୨୭ ପର୍ଯ୍ୟନ୍ତ ସାଧାରଣ ଲୋକ ମେଳା ପରିଦର୍ଶନ କରିପାରିବେ । ପ୍ରଥମ ୫ ଦିନ ବୟସ୍କଙ୍କ ପାଇଁ ଟିକଟ ମୂଲ୍ୟ ୫୦୦ ଟଙ୍କା ରଖାଯାଇଥିବାବେଳେ ପିଲାମାନଙ୍କ ପାଇଁ ଟିକଟ ମୂଲ୍ୟ ୨୦୦ ଟଙ୍କା ରଖାଯାଇଛି । ସେହିପରି ସରକାରୀ ଛୁଟିକୁ ମିଶାଇ ସପ୍ତାହାନ୍ତ ପାଇଁ ଟିକଟ ମୂଲ୍ୟ ୨୦୦ ଟଙ୍କା ଥିବାବେଳେ ଅଣସପ୍ତାହନ୍ତ ଦିନଗୁଡ଼ିକ ପାଇଁ ଟିକଟ ମୂଲ୍ୟ ୧୫୦ଟଙ୍କା ରହିଛି । ଅନ୍ୟପକ୍ଷରେ ଅଣ ବ୍ୟବସାୟିକ ଦିନରେ ବୟସ୍କଙ୍କ ପାଇଁ ସପ୍ତାହନ୍ତରେ ୧୫୦ଟଙ୍କା ଏବଂ ଅନ୍ୟଦିନ ପାଇଁ ଟିକଟ ମୂଲ୍ୟ ୮୦ ଟଙ୍କା

ରଖାଯାଇଛି । ତେବେ ବରିଷ୍ଠ ନାଗରିକ ଓ ଭିନ୍ନକ୍ଷମଙ୍କ ପାଇଁ କୌଣସି ପ୍ରବେଶ ଶୁଳ୍କ ନାହିଁ । ମେଳା ପୂର୍ବାହ୍ନ ୧୦ଟାରୁ ସଂଧ୍ୟା ୭ଟା ପର୍ଯ୍ୟନ୍ତ ଖୋଲାରହିବ ।

## ଶ୍ରୀଲଙ୍କା ପୋଲିଂ

ଶ୍ରୀଲଙ୍କାରେ ଆଜି ନୂଆ ସଂସଦ ପାଇଁ ନିର୍ବାଚନ ଅନୁଷ୍ଠିତ ହେଉଛି । ଏହି ନିର୍ବାଚନରେ ୨୨୫ଟି ସଂସଦୀୟ ଆସନ ଲାଗି ସାରା ଦେଶରେ ଏକକୋଟି ୭୦ଲକ୍ଷରୁ ଅଧିକ ମତଦାତା ୮ହଜାର ୮ଶହ ପ୍ରତିଦ୍ୱନ୍ଦ୍ୱିଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ । ନବନିର୍ବାଚିତ ରାଷ୍ଟ୍ରପତି ଅନୁରା କୁମାରା ଦିଶାନାୟକେଙ୍କ ପାଇଁ ଏହି ନିର୍ବାଚନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଉଛି । ସଂସଦରେ ବିଭିନ୍ନ ବିଷୟରେ ପ୍ରସ୍ତାବ ପାରିତ କରିବା ଲାଗି ରାଷ୍ଟ୍ରପତିଙ୍କ ରାଜନୈତିକ ଦଳ ବହୁମତ ଅପେକ୍ଷାରେ ରହିଛି । ଏଥିରେ ସାଜିଥ ପ୍ରେମଦାଶାଙ୍କ ନେତୃତ୍ୱାଧୀନ ଏବଂ ପୂର୍ବତନ ରାଷ୍ଟ୍ରପତି ରାନିଲ ବିକ୍ରମାସିଂହେଙ୍କ ନେତୃତ୍ୱାଧୀନ ରାଜନୈତିକ ଦଳ ଦୃଢ଼ ଦାବିଦାର ରହିଥିବା ଜଣାପଡିଛି ।

## ଝାଡ଼ଖଣ୍ଡ କ୍ୟାମ୍ପେନିଂ

ଝାଡ଼ଖଣ୍ଡରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଗତକାଲି ଶେଷ ହେବା ପରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ପ୍ରଚାରକାର୍ଯ୍ୟ ଜୋର୍ ଧରିଛି । ଚଳିତମାସ ୨୦ ତାରିଖରେ ଦ୍ୱିତୀୟ ପର୍ଯ୍ୟାୟ ପାଇଁ ମତଦାନ ହେବ ।

ଉଭୟ ଏନ୍‌ଡିଏ ଏବଂ ଇଣ୍ଡିଆ ମେଣ୍ଟର ପ୍ରାର୍ଥୀମାନଙ୍କ ଲାଗି ଦଳୀୟ ନେତାମାନେ ସେମାନଙ୍କ ପ୍ରାର୍ଥୀଙ୍କ ସପକ୍ଷରେ ଭୋଟ୍ ଦେବାଲାଗି ଭୋଟରମାନଙ୍କୁ ଆକୃଷ୍ଟ କରୁଛନ୍ତି । ବିଜେପିର ବରିଷ୍ଠ ନେତା ତଥା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆଜି ଝାଡ଼ଖଣ୍ଡରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିବେ । ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଧାନବାଦ, ବୋକାରୋ ଏବଂ ବର୍‌ମୋରେ ର୍‍ୟାଲି କରିବାକୁ ଥିବାବେଳେ ମୁଖ୍ୟମନ୍ତ୍ରୀ ତଥା ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚାର ନେତା ହେମନ୍ତ ସୋରେନ ଦେଓଘର, ଦୁମ୍‌କା ଏବଂ ବୋକାରୋରେ ଜନସଭାକୁ ସମ୍ବୋଧିତ କରିବାର କାର୍ଯ୍ୟକ୍ରମ ରହିଛି ।

# ୱିମେନ କ୍ରିକେଟ

ୱେଷ୍ଟଇଣ୍ଡିଜ ଏବଂ ଆର୍ୟାଲାଣ୍ଡ ସହ ଆସନ୍ତା କ୍ରିକେଟ୍ ସିରିଜ୍ ପାଇଁ ବିସିସିଆଇ ଭାରତୀୟ ମହିଳା କ୍ରିକେଟ ଦଳର ଖେଳସୂଚୀ ପ୍ରକାଶ କରିଛି । ଆସନ୍ତା ମାସରେ ଭାରତୀୟ ମହିଳା କ୍ରିକେଟ ଦଳ ୱେଷ୍ଟଇଣ୍ଡିଜ ସହ ଏବଂ ୨୦୨୫ ଜାନୁଆରୀରେ ଆର୍ୟାଲାଣ୍ଡ ସହ ମ୍ୟାଚ୍ ଖେଳିବ । ଆସନ୍ତା ମାସ ୧୫ ତାରିଖରୁ ନଭି ମୁମ୍ବାଇର ଡି.ୱାଇ.ପାଟିଲ ଷ୍ଟାଡିୟମରେ ଭାରତ' ୱେଷ୍ଟଇଣ୍ଡିଜ ବିପକ୍ଷରେ ପ୍ରଥମ ଟି-୨୦ ଖେଳିବାକୁ ଥିବାବେଳେ ପରେ ବରୋଦା ଏବଂ ଗୁଜୁରାଟରେ ୩ଟି ଏକଦିବସୀୟ ମ୍ୟାଚ୍ ଖେଳିବ । ସେହିପରି ଆସନ୍ତା ବର୍ଷ ଜାନୁଆରୀ ଭାରତ ରାଜକୋଟ ଏବଂ ଗୁଜୁରାଟରେ ୩ଟି ଏକଦିବସୀୟ ମ୍ୟାଚ୍ ଖେଳିବାର କାର୍ଯ୍ୟସୂଚୀ ରହିଛି ।

# କ୍ରିକେଟ : ଇଣ୍ଡିଆ-ଦକ୍ଷିଣ ଆଫ୍ରିକା

୪ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ର ତୃତୀୟ ଟି-୨୦ ଆନ୍ତର୍ଜାତିକ କ୍ରିକେଟ୍ ମ୍ୟାଚ୍‌ରେ ଗତକାଲି ଭାରତ ୧୧ରନ୍‌ରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି । ଭାରତ ଏହି ବିଜୟ ସହ ୨-୧ରେ ଆଗରେ ରହିଛି । ଗତକାଲି ସୁପର ସ୍ପୋର୍ଟ୍‌ସ ପାର୍କରେ ଆୟୋଜିତ ମ୍ୟାଚ୍‌ରେ ଭାରତ ପ୍ରଥମେ ବ୍ୟାଟିଂ କରି ଦକ୍ଷିଣ ଆଫ୍ରିକାକୁ ୨୨୦ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା । ଦକ୍ଷିଣ ଆଫ୍ରିକା ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ୍ ହରାଇ ୨୦୮ ରନ୍ କରିବାକୁ ସକ୍ଷମ ହୋଇଥିଲା । ତିଲକ ବର୍ମାଙ୍କୁ ମ୍ୟାନ୍ ଅଫ୍ ମ୍ୟାଚ୍ ଘୋଷଣା କରାଯାଇଥିଲା । ଏହି ସିରିଜ୍‌ର ଚତୁର୍ଥ ତଥା ଅନ୍ତିମ ମ୍ୟାଚ୍ ଆସନ୍ତାକାଲି ଖେଳାଯିବ ।